## ସଂକ୍ଷେପରେ

### ୧୪ ଆକ୍ରାନ୍ତ ଚିହ୍ନଟ, ୨ ମୃତ

**ଢେଙ୍କାନାଳ ଅଫିସ, ୨୬।୮:** ଢେଙ୍କାନାଳ ଜିଲାରୁ ଗୁରୁବାର ୧୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ଜଣେ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ୨, ସଦର ବ୍ଲକର ୨, କାମାକ୍ଷାନଗର ବ୍ଲକର ୨, ଢେଙ୍କାନାଳ ପୌରାଞ୍ଚଳର ୨, ପରଜଙ୍ଗ ବ୍ଲକର ୨, କଙ୍କଡ଼ାହାଡ଼ ବ୍ଲକର ୧, ଓଡ଼ାପଡ଼ା ବ୍ଲକର ୧ ଏବଂ ଚିକିତ୍ସାଳୟରୁ ୨ଜଣ ଅଛନ୍ତି। ଜିଲାରେ ଅଦ୍ୟାବଧି ୧୯ ହଜାର ୪୬୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୯ ହଜାର ୧୦୯ଜଣ ସୁସ୍ଥ ହୋଇସାରିଲେଣି। ୧୪୧ ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧୀନ ଥିବାବେଳେ ୨୧୯ ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### 'ମହିଳା ସହାୟକ ପଞ୍ଚାୟତ ଲାଗି ସମନ୍ୱୟ ଲୋଡ଼ା'

**ଢେଙ୍କାନାଳ ଅଫିସ, ୨୬।୮:** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସଭାଗୃହରେ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରତିନିଧି-ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା, ସହଯୋଗ, ସହଭାଗିତା ରହିଲେ ମହିଳା ସହାୟକ ପଞ୍ଚାୟତ ଗଠନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ୟୁଏନ୍ଏଫ୍‌ପିଏ ପ୍ରାୟୋଜିତ ଏବଂ ଗଞ୍ଜାମର 'ପ୍ରେମ୍', ଢେଙ୍କାନାଳର 'ଶୋଭା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ରଣଜିତ ରେଡ୍ଡୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏବିଡିଓ ଝରଣା ସାମଲ, ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ପ୍ରଶାନ୍ତ ମିଶ୍ର, ପ୍ରକଳ୍ପ ସଂଯୋଜିକା ଭାରତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାମାକ୍ଷାନଗର, ପରଜଙ୍ଗ, ଭୁବନ, କଙ୍କଡ଼ାହାଡ଼ ବ୍ଲକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ମହିଳା ମହାସଂଘର କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ।

### ବିଳାସିନୀଙ୍କୁ ବ୍ଲକ ବିଜେଡି ସଭାନେତ୍ରୀ ଦାୟିତ୍ୱ

**ପରଜଙ୍ଗ, ୨୬।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲାର ୮ ବ୍ଲକ ଏବଂ ୩ ଏନ୍ଏସି ପାଇଁ ବିଜେଡିର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ପରଜଙ୍ଗ ବ୍ଲକ ଉପାଧକ୍ଷା ବିଳାସିନୀ ସେଠୀଙ୍କୁ ବ୍ଲକ ବିଜେଡି ସଭାନେତ୍ରୀ ଭାବେ ଚୟନ କରାଯାଇଛି। ସେହିପରି ମମତା ଜେନା, ଲିଲି ବେହେରା, ଧରିତ୍ରୀ ମହାଲିକ, ସିଷ୍ଟର ନିବେଦିତାଙ୍କୁ ଅନ୍ୟାନ୍ୟ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ନେତୃମଣ୍ଡଳୀ ବିଳାସିନୀଙ୍କ ଭଳି ଦକ୍ଷ ସଙ୍ଗଠିକାଙ୍କୁ ଚୟନ କରିଥିବାରୁ ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି, ଯୁବନେତା ଅସିତ୍ କୁମାର ରାୟଚୌଧୁରୀ, ଛାତ୍ର ବିଜେଡି ସଭାପତି ତଥା ସରପଞ୍ଚ ପ୍ରିୟଜିତ୍ ସାମଲ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ଡ. ନୃସିଂହ ଚରଣ ସାହୁ , ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଗରିବ ମୁହଁରେ ହସ ଫୁଟାଇବା ଲକ୍ଷ୍ୟ




**ରାସୋଳ, ୨୬।୮(ଡି.ଏନ୍.ଏ.):** କରୋନା ମହାମାରୀ ସମୟରେ ଆର୍ଥିକ ଅନଗ୍ରସର ତଥା ଗରିବ ପରିବାର ମୁହଁରେ ହସ ଫୁଟାଇବାକୁ ହିନ୍ଦୋଳ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ୍ ପକ୍ଷରୁ ପ୍ରୟାସ ଜାରି ରହିଛି। ଗଣେଶ୍ୱର କ୍ଲବ ଏବଂ ଜୀବ୍ ଦୟା ଫାଉଣ୍ଡେଶନର ମିଳିତ ସହଯୋଗରେ ବୁହାଲିପାଳ ପଞ୍ଚାୟତ ଅଁଳାବେଡ଼ା ଗ୍ରାମର ୪୫ ପରିବାରକୁ ୫୦ କେଜି ଲେଖାଏଁ ଚାଉଳ ପ୍ରଦାନ କରାଯାଇଛି। ବ୍ଲକ ଅଞ୍ଚଳର ୭ ଗ୍ରାମରେ ଅଦ୍ୟାବଧି ୨୧୫ ପରିବାରକୁ ଚାଉଳ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଥିଲା। ଏମ୍‌ପି ମହେଶ ସାହୁ, ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପାଳ, କାହ୍ନୁଚରଣ ପାଳ, ମରୁତ ସାହୁ, ଦିବାକର ମିଶ୍ର, ପ୍ରିୟଲତା ପରିଡ଼ା, ଶରତ ପ୍ରଧାନ, ସ୍ୱାଗତିକା ରାଉତ, ମାଳିବିକା ମିଶ୍ର, ରୁନେଲି ନାହାକ, ସୌମ୍ୟାଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଶଯ୍ୟାରେ କୁକୁର, ୱାର୍ଡରେ ଆବର୍ଜନା

**କାମାକ୍ଷାନଗର, ୨୬।୮(ଡି.ଏନ୍.ଏ.)**

- ଅବ୍ୟବସ୍ଥା ଧରିଲେ ଉପଜିଲାପାଳ
- ତୁରନ୍ତ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ


ଡାକ୍ତରଖାନାର କର୍ମଚାରୀଙ୍କ ସହିତ ଉପଜିଲାପାଳ ଆଲୋଚନା କରୁଛନ୍ତି।

ରୋଗୀ ଶଯ୍ୟା ନିକଟରେ ମାଳମାଳ ବୁଲାକୁକୁର। ୱାର୍ଡରେ ସାଲାଇନ୍ ବୋତଲ, ପରିତ୍ୟକ୍ତ ରକ୍ତ ପ୍ୟାକେଟ ଭଳି ସଂକ୍ରମଣ ଆଶଙ୍କା ଥିବା ଆବର୍ଜନା। ରୋଗୀ ଏବଂ ଆଟେଣ୍ଡାଣ୍ଟଙ୍କ ପାଇଁ ଥିବା ପାଇଖାନା, ଗାଧୁଆ ଘର ଅପରିଷ୍କାର। ଚିକିତ୍ସା କରିବାକୁ ନାହାନ୍ତି ଆବଶ୍ୟକ ଡାକ୍ତର। ବିଭିନ୍ନ ବିଭାଗରେ ଖାଲିପଡ଼ିଛି ପଦବୀ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସତ୍ତ୍ୱେ ଠିକ୍ ଭାବେ ରୋଗୀଙ୍କୁ ମିଳୁନି ସେବା। ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଗୁରୁବାର ପୂର୍ବାହ୍ନରେ ଅଚାନକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସମୟରେ ଏଭଳି ଅନେକ ଅବ୍ୟବସ୍ଥା ପଦାକୁ ଆସିଛି। ଉପଖଣ୍ଡ ଅଞ୍ଚଳବାସୀଙ୍କ ରୋଗୀସେବାର ପ୍ରାଣକେନ୍ଦ୍ର ବୋଲାଉଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟା ତୁରନ୍ତ ସୁଧାରିବାକୁ ଉପଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ରୋଗୀ ଶଯ୍ୟା ନିକଟରେ କୁକୁର।

କାମାକ୍ଷାନଗର ଡାକ୍ତରଖାନାରେ ରୋଗୀସେବାରେ ବ୍ୟାପକ ବିଭ୍ରାଟ ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହାର ବାସ୍ତବତା ଜାଣିବାକୁ ଉପଜିଲାପାଳ ସ୍ୱତନ୍ତ୍ର ଟିମ୍ ସହିତ ପୂର୍ବାହ୍ନ ୯ଟାରେ ହଠାତ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ବହିଃବିଭାଗ ଡ୍ୟୁଟିରେ ଥିବା ଡାକ୍ତର ଆସି ନ ଥିଲେ। ଅନ୍ତେବାସୀଙ୍କ ପାଇଁ ଉଦ୍ଦିଷ୍ଟ ପାଇଖାନା ଓ ଗାଧୁଆଘର ସଫା ହୋଇ ନ ଥିଲା। ଶଯ୍ୟା ନିକଟରେ ବ୍ୟବହୃତ୍ ସାଇଲାନ୍ ବୋତଲ, ଖାଲି ରକ୍ତମୁଣି ବ୍ୟାଗ୍ ଝୁଲି ରହିଥିଲା। ସଫେଇ ମଧ୍ୟ ହୋଇ ନ ଥିଲା। ଏସବୁ ଅବ୍ୟବସ୍ଥା ଦେଖି ଉପଜିଲାପାଳ କ୍ଷୋଭ ବ୍ୟକ୍ତ କରିଥିଲେ। ସେହିପରି ଡାକ୍ତରଖାନାରେ ୨୨ ଡାକ୍ତରଙ୍କ ପରିବର୍ତ୍ତେ ୯ ଜଣ ଅଛନ୍ତି। ୩ ଜଣ ନିଯୁକ୍ତି ପାଇଥିବାବେଳେ ଅନ୍ୟତ୍ର ଡେପୁଟେଶନରେ ଯାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଭାଗର ୧୦ ପଦବୀ ଖାଲି ପଡ଼ିଛି, ଯାହା ରୋଗୀସେବାକୁ ପ୍ରଭାବିତ କରୁଥିବା ଆଲୋଚନା ବେଳେ ଜଣାପଡ଼ିଛି। ଏହି ଅବସରରେ ଉପଜିଲାପାଳ ରକ୍ତଭଣ୍ଡାର, ପରିମଳ ବ୍ୟବସ୍ଥା ବୁଲି ଦେଖିଥିଲେ। ଲାଗି ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସେ ଭାରପ୍ରାପ୍ତ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ନିୟମିତ ରୋଗୀକଲ୍ୟାଣ ସମିତି ବୈଠକ କରି ଅନୁଦାନ ଅର୍ଥକୁ ଠିକ୍ ଭାବେ ବିନିଯୋଗ କରିବାକୁ ପରିଚାଳିକା ରଶ୍ମିପ୍ରଭା ସାମଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କ ସହିତ ବିଡିଓ ବିକାଶ ମହାନ୍ତି ପରିଦର୍ଶନରେ ସାମିଲ ଥିବାବେଳେ ଫାର୍ମାସିଷ୍ଟ ଈଶ୍ୱର ଚନ୍ଦ୍ର ସାହୁ, ବରିଷ୍ଠ ଟେକ୍ନିସିଆନ ବିଜୟ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଡକାୟତି ମାମଲାରେ ୩ ଗିରଫ


ପରଜଙ୍ଗ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନେ।

**ପରଜଙ୍ଗ, ୨୬।୮(ଡି.ଏନ୍.ଏ.)**

- ବୋମା ବିସ୍ଫୋରଣରେ ଗୁରୁତର ଅଭିଯୁକ୍ତ ଏସ୍‌ସିବିରେ
- ଗ୍ୟାଙ୍ଗ୍‌ର ଅନ୍ୟ ୨ ସଦସ୍ୟ ଫେରାର

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଜଣେ ମସଲା ବ୍ୟବସାୟୀଙ୍କଠାରୁ ମଙ୍ଗଳବାର ଅପରାହ୍ନରେ ହୋଇଥିବା ଡକାୟତି ମାମଲାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦଦରାଘାଟି ଫାଣ୍ଡି ଅଧୀନ ଆଖୁଆପାଳ ୨ନମ୍ବର କଲୋନୀର ରଞ୍ଜିତ ନାଏକ, ପ୍ରଭାତ କୁମାର ନାଏକ ଏବଂ କୁଷ୍ଟିଆବେଡ଼ା ଅଞ୍ଚଳର ସମୀର ନାଏକ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ ସୂଚନା ଦେଇଛନ୍ତି।

ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଆଇଆଇସି କହିଛନ୍ତି, ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ମେଣ୍ଢାପଦା ଗ୍ରାମର ଅଭୟ ବିଶ୍ୱାଳ ଏବଂ ତାଙ୍କ ପୁଅ ଭାଲୁମୁଣ୍ଡା ହାଟରୁ ବ୍ୟବସାୟ ସାରି ଏକ ଅଟୋରିକ୍ସାରେ ଘରକୁ ଫେରୁଥିଲେ। ଏହି ସମୟରେ ମେଣ୍ଢାପଦା ଗ୍ରାମ ନିକଟରେ ୬ ଜଣ ଅଭିଯୁକ୍ତ ୨ଟି ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇଥିଲେ। ଗୋଟିଏ ବାଇକ୍‌ରେ ଥିବା ଅଭିଯୁକ୍ତ ବନ୍ଧୁକ ଦେଖାଇ ୮ ହଜାର ଟଙ୍କା, ମୋବାଇଲ ଛଡ଼ାଇ ନେଇଥିଲେ। ଅଭୟଙ୍କ ସହ ଅଭିଯୁକ୍ତଙ୍କ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଡକାୟତି ଗ୍ୟାଙ୍ଗ୍‌ର ସଦସ୍ୟ ତଥା କୁଷ୍ଟିଆବେଡ଼ା ଗ୍ରାମର ଶୁଭରାଜ ନାଏକ ବୋମାମାଡ଼ କରିବାକୁ ଉଦ୍ୟମ କରିଥିଲେ। ହେଲେ ଉକ୍ତ ବୋମା ହାତରୁ ଖସିଯାଇ ତାଙ୍କ ଗୋଡ଼ରେ ପଡ଼ି ବିସ୍ଫୋରଣ ହୋଇଥିଲା। ସହଯୋଗୀମାନେ ତାଙ୍କୁ ପ୍ରଥମେ ବଅଁରପାଳର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେ ପୋଲିସ ହେପାଜତରେ ଅଛନ୍ତି। ଡକାୟତି ଘଟଣାରେ ସମ୍ପୃକ୍ତ ବାରିହାପୁରର ସୌଭାଗ୍ୟ ନାଏକ ଏବଂ କାମାକ୍ଷାନଗରର ଶ୍ରବଣ ନାଏକ ଫେରାର ଅଛନ୍ତି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଫେରାର ଅଭିଯୁକ୍ତ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ଶିଶୁଙ୍କ ପାଇଁ ଆଉଟ୍ ପେସେଣ୍ଟ କ୍ଲିନିକ୍



ଆଉଟ୍ ପେସେଣ୍ଟ କ୍ଲିନିକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୬।୮**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ଗୋଦରବିଲିଠାରେ ମଙ୍ଗଳବାର ଶିଶୁଙ୍କ ରୋଗ ଚିକିତ୍ସା ଲାଗି ଆଉଟ୍ ପେସେଣ୍ଟ କ୍ଲିନିକ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଶାସନ ସହାୟତାରେ 'ଦି ମେଡିକ୍ସ' ସଂସ୍ଥା ପକ୍ଷରୁ ଏହାର ଶୁଭାରମ୍ଭ ହୋଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରି କହିଲେ, ଏହି କ୍ଲିନିକରେ ଖୁବ୍ କମ୍ ସମୟରେ ଶିଶୁଙ୍କ ରୋଗର ପରୀକ୍ଷା କରାଯାଇପାରିବ। କମ୍ ମୂଲ୍ୟରେ ଔଷଧ ମଧ୍ୟ ମିଳିବ। ସମ୍ପୃକ୍ତ ସଂସ୍ଥାର ସ୍ଥାୟୀ ଡାକ୍ତରଖାନା ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ୧ ଏକର ଜମି ଲିଜ୍ ସୂତ୍ରରେ ଦିଆଯାଇଛି। ସ୍ଥାନୀୟ ଲୋକେ ଏହାର ସୁଯୋଗ ନେବା ଉଚିତ। ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଆଉଟ୍ ପେସେଣ୍ଟ କ୍ଲିନିକର ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ହେବା ପରେ ଜିଲା ଓ ଜିଲା ବାହାରର ଶିଶୁମାନେ ଲାଭବାନ ହେବେ। ଗୋଦରବିଲିସ୍ଥିତ ରେଗୁଲେଟେଡ୍ ମାର୍କେଟ କମିଟି ବିଲ୍ଡିଂ ପରିସରରେ ଆସନ୍ତା ୧ ତାରିଖରୁ ୧୪ ବର୍ଷର ଶିଶୁଙ୍କ ଲାଗି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ। ସ୍ୱଳ୍ପମୂଲ୍ୟରେ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ, ଟେଲି ମେଡିସିନ, ଫିଜିଓଥେରାପି ସୁବିଧା, କାଉନସେଲିଂ ସେବା ଯୋଗାଇ ଦିଆଯିବ।

କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବ୍ଲକ ଉପାଧକ୍ଷ ରଶ୍ମିରଞ୍ଜନ ଖୁଣ୍ଟିଆ, 'ଦି ମେଡିକ୍ସ'ର ନିର୍ଦ୍ଦେଶକ ଡା. ଦିଲୀପ ସାମଲ, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍ଥାର ସଭାପତି ସୁଇଜରଲାଣ୍ଡର କୋରୋନାଡ୍ ମୁଲା ଭର୍ଚୁଆଲ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ନଦୀରେ ବୁଡ଼ି ମହିଳା ନିଖୋଜ

**ଛେଣ୍ଡିପଦା, ୨୬।୮(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ କମ୍ପସଲା ପଞ୍ଚାୟତ କଇଁଛପଦା ଗ୍ରାମର ଜଣେ ମହିଳା ଗୁରୁବାର ନଦୀକୁ ଗାଧୋଇବାକୁ ଯାଇ ଗଭୀର ପାଣିରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ପ୍ରଦୀପ ଦେହୁରୀଙ୍କ ସ୍ତ୍ରୀ ଚାରୁ ଦେହୁରୀ(୩୬)।

ସୂଚନାଯୋଗ୍ୟ, ଚାରୁ ତାଙ୍କ ୫ବର୍ଷର ଝିଅ ସୁନିତାଙ୍କୁ ସାଙ୍ଗରେ ଧରି ଗ୍ରାମ ନିକଟରେ ଥିବା ଟିକିରା ନଦୀର ବ୍ରାହ୍ମଣସାହି ତୁଠକୁ ଗାଧୋଇବାକୁ ଯାଇଥିଲେ। ତୁଠ ନିକଟରେ ଥିବା ବରଗଛ ମୂଳରେ ଝିଅ ସୁନିତାଙ୍କୁ ଛାଡ଼ି ଚାରୁ ନଦୀରେ ଗାଧୋଉଥିଲେ। ଏହି ସମୟରେ ପ୍ରଖର ସ୍ରୋତରେ ଗଭୀର ଗଣ୍ଡରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ଚାରୁଙ୍କ ଯାଆ ଖୋଜିବାକୁ ନଦୀ ଘାଟକୁ ଯାଇଥିଲେ। ବରଗଛ ମୂଳରେ ଝିଅ ବସିଥିବାବେଳେ ଚାରୁଙ୍କ ସନ୍ଧାନ ମିଳି ନ ଥିଲା। ନଦୀଘାଟରେ ଲୁଗା ବାଲିଟି ରଖାଯାଇଥିବାବେଳେ ଚାରୁ ନ ଥିଲେ। ଏ ନେଇ ସେ ପରିବାର ଲୋକଙ୍କୁ ସୂଚନା ଦେବା ପରେ ଗ୍ରାମବାସୀ ଏବଂ ସମ୍ପର୍କୀୟ ନଦୀଗଣ୍ଡରେ ଚାରୁଙ୍କୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ପରେ ଛେଣ୍ଡିପଦାରୁ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଖବରଲେଖା ହେବା ସୁଦ୍ଧା ଚାରୁଙ୍କ କୌଣସି ପତ୍ତା ମିଳିପାରି ନାହିଁ।

## ତୁଟୁନି ଓକିଲ-ପୋଲିସ ବିବାଦ


ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଅତିରିକ୍ତ ଏସ୍‌ପି ଆଲୋଚନା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୬।୮**

**ଏସ୍‌ପି ଛୁଟିରେ, ଏଏସ୍‌ପିଙ୍କ ସହ ଆଲୋଚନା ବିଫଳ**

ଢେଙ୍କାନାଳରେ ଜିଲା ଓକିଲ ସଂଘ ଏବଂ ପୋଲିସ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ତେଜିବାରେ ଲାଗିଛି। ଗୁରୁବାରଠାରୁ ଏସ୍‌ପି କେ. ଶିବା ଶୁବ୍ରମଣି ୧୫ ଦିନ ପାଇଁ ଛୁଟିରେ ଯିବା ପରେ ସମାଧାନର ଆଶା ମଉଳିଯାଇଛି। ଅତିରିକ୍ତ ଏସ୍‌ପି ଗଣେଶ୍ୱର ପ୍ରଧାନ ଧାରଣାରତ ଓକିଲଙ୍କ ସହ ଆଲୋଚନା କରିବାକୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିବାଦର ଅନ୍ତ କରିବାକୁ ଅନୁରୋଧ କରିଥିଲେ। ହେଲେ ଆଲୋଚନା ବିଫଳ ହୋଇଛି।

ଆଲୋଚନା କରିବାକୁ ଆସିଥିବା ଏଏସ୍‌ପିଙ୍କୁ ଆଇନଜୀବୀମାନେ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଥିଲେ। ଟାଉନ ଥାନାଧିକାରୀଙ୍କୁ ବଦଳି କରିବାକୁ ଜନପ୍ରତିନିଧିମାନେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତଥାପି କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସଂଘ ସଦସ୍ୟ ଅତିରିକ୍ତ ଏସ୍‌ପିଙ୍କୁ ପାଲଟା ପ୍ରଶ୍ନ କରିଥିଲେ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଆଲୋଚନା ବେଳେ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଉପସଭାପତି ସରୋଜ ପାଢ଼ୀ, ସମ୍ପାଦକ ଟଙ୍କଧର ବେହେରା, ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ, ନବକିଶୋର ଗୁରୁ, ଦୀପକ ପ୍ରସାଦ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ଅମ୍ଲାନ ଖଟୁଆ, ଶଙ୍କର ଧୀର, ପ୍ରକାଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ମୟୂର ଶାବକ ଉଦ୍ଧାର

**ମାଧପୁର, ୨୬।୮**

ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳର ପାତ୍ରପଡ଼ା ଗ୍ରାମରୁ ବନ ବିଭାଗ ୨ ମୟୂର ଶାବକଙ୍କୁ ଗୁରୁବାର ଉଦ୍ଧାର କରିଛି। ଗ୍ରାମର ଜନୈକ ବ୍ୟକ୍ତି ବେଆଇନ ଭାବେ ଘରେ ମୟୂର ରଖିଥିବା ଖବରପାଇ ରେଞ୍ଜର ସନ୍ତୋଷ ଭୋଇଙ୍କ ନେତୃତ୍ୱରେ ଫରେଷ୍ଟର ବାବୁଲି ପ୍ରଧାନ, କିଆକଟା ଫରେଷ୍ଟର ଲିଙ୍ଗରାଜ ବେହେରା, ଦୀପକ ମିଶ୍ର ଏବଂ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଏହି ଘଟଣାରେ ଜଣେ ନାବାଳକଙ୍କୁ ଅଟକ ରଖାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।



## 'ମହାମାରୀ ମୁକାବିଲା ଏକ ଆହ୍ୱାନ'

**ଢେଙ୍କାନାଳ ଅଫିସ, ୨୬।୮**

ଢେଙ୍କାନାଳ ଯୁବ ରେଡ୍‌କ୍ରସ୍‌ର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣିଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ରଣଜିତ୍ ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି କରୋନା ମହାମାରୀର ମୁକାବିଲା କରିବା ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ପାଇଁ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ଜିଲାର ୨୫ କଲେଜର ୫୦ଜଣ ଅଧ୍ୟକ୍ଷ ଓ ପରାମର୍ଶଦାତା ଯୋଗଦେଇଥିଲେ।

ପ୍ରାରମ୍ଭରେ କାମାକ୍ଷାନଗର କଲେଜର ପୂର୍ବତନ ମରାମର୍ଶଦାତା ଦିଲୀପ କୁମାର ସାହୁଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଢେଙ୍କାନାଳ କଲେଜ ଅଧ୍ୟକ୍ଷ ତଥା ଜିଲା ଯୁବ ରେଡ୍‌କ୍ରସ୍‌ର ନୂତନ ସଭାପତି ରଣଜିତ କୁମାର ପ୍ରଧାନ, ନୂତନ ସଂଯୋଜକ ଡ. ଭୂପେଶ ଚନ୍ଦ୍ର ସାହୁ ସମ୍ବର୍ଦ୍ଧିତ ହୋଇଥିଲେ। ଢେଙ୍କାନାଳ କନିଷ୍ଠ କଲେଜ ଅଧ୍ୟକ୍ଷ ଚତୁର୍ଭୁଜ ପତି, ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଜିଲା ଆବାହକ ଡ. ଦେବାଶିଷ ମହାନ୍ତି, ଜିଲା ଆବାହକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ଡ. ଅଦ୍ୱୈତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବ ରେଡ୍‌କ୍ରସ୍ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିମାନେ।

## ଆବଦ୍ଧ ମଣ୍ଡପରେ ଗଣେଶଙ୍କ ଆବାହନ

**ଢେଙ୍କାନାଳ ଅଫିସ, ୨୬।୮**


ବୈଠକରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ପ୍ରଶାସନିକ ଅଧିକାରୀ ଏବଂ ପୂଜା କମିଟି କର୍ମକର୍ତ୍ତାମାନେ।

- ୧୨ରେ ନିରାଡମ୍ବର ଭସାଣି
- ପୂଜାସ୍ଥଳରେ ୭ଜଣଙ୍କୁ ଅନୁମତି
- ସାଧାରଣ ଦର୍ଶନକୁ ବାରଣ

ଢେଙ୍କାନାଳ ଜିଲାରେ କଟକଣା ମଧ୍ୟରେ ପାଳନ ହେବ ଗଣେଶ ପୂଜା। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପାଦନା ଲାଗି ଜିଲାପାଳ ସରୋଜ କୁମାର ସେଠୀ ସମସ୍ତ ପୂଜା ପ୍ରତିଷ୍ଠାନର ସହଯୋଗ ଲୋଡ଼ିଛନ୍ତି।

ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ସେପ୍ଟେମ୍ବର ୧୦ରେ ଗଜାନନଙ୍କ ଆବାହନ କରାଯାଇ ୧୨ରେ ଭସାଣି ହେବ। କୋଭିଡ୍ ପ୍ରୋଟକଲ ମାନି ପୂଜା ହେବ। ପୂଜା ମଣ୍ଡପ ସମ୍ମୁଖ ଭାଗକୁ ଛାଡ଼ି ଅନ୍ୟ ୩ ପାର୍ଶ୍ୱ ସମ୍ପୂର୍ଣ୍ଣ ଆବଦ୍ଧ କରାଯିବ। ସମ୍ମୁଖ ଭାଗରେ ମଧ୍ୟ ପରଦା ଟଣାଯିବ। ପ୍ରତିମୂର୍ତ୍ତିର ଉଚ୍ଚତା ୪ ଫୁଟ ରହିବ। ମଣ୍ଡପରେ ପୂଜକଙ୍କ ସମେତ ସର୍ବାଧିକ ୭ଜଣ ଉପସ୍ଥିତ ରହିବେ। ସେମାନଙ୍କ ଲାଗି ମାସ୍କ ପରିଧାନ, ସାମାଜିକ ଦୂରତା ପାଳନ ବାଧ୍ୟତାମୂଳକ କରାଯାଇଛି। ସାଧାରଣ ଦର୍ଶନକୁ ମଧ୍ୟ ବାରଣ କରାଯାଇଛି। ପୂଜା ସମ୍ପୂର୍ଣ୍ଣ ନିରାଡମ୍ବରରେ ହେବ। ଡାକବାଜି ଯନ୍ତ୍ର ବାଜିବ ନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଭୋଜିଭାତ ହେବନାହିଁ। ପୌରପାଳିକା ପକ୍ଷରୁ କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ବିସର୍ଜନ ବେଳେ ଶୋଭାଯାତ୍ରା, ଡିଜେ, ନୃତ୍ୟଗୀତ ପରିବେଷଣକୁ ମନା କରାଯାଇଛି। ତୃତୀୟ ଲହରରେ ପିଲାମାନେ ଅଧିକ ଆକ୍ରାନ୍ତ ହେବା ଆଶଙ୍କା ଥିବାରୁ ଅଭିଭାବକମାନେ ପୂଜା ସମୟରେ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଅନୁରୋଧ କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଭାରପ୍ରାପ୍ତ ଉପଜିଲାପାଳ ରବି ନାରାୟଣ ତ୍ରିପାଠୀ, ପୌରନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ସଭାପତି ସୁଧାଂଶୁ କୁମାର ଦଳେଇ, ସମ୍ପାଦକ ବିଶ୍ୱନାଥ ବେହେରା, କାର୍ଯ୍ୟକାରୀ ସମ୍ପାଦକ ଶରତ କୁମାର ସାହୁଙ୍କ ସମେତ ବିଭିନ୍ନ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅନୁଗୋଳ ଜିଲାକୁ ମରୁଡ଼ି ଘୋଷଣା ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା କଂଗ୍ରେସର ଦାବିପତ୍ର

ଅନୁଗୋଳ ଅଫିସ ୨୬।୮

ଅନୁଗୋଳ ଜିଲାକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ କୁହାଯାଇଛି, ଆବଶ୍ୟକ ଜଳସେଚନ ଅଭାବରୁ ଜିଲାର ନବେ ଭାଗରୁ ଊର୍ଦ୍ଧ୍ୱ ଚାଷୀ ସମ୍ପୂର୍ଣ୍ଣ ରୂପେ ବର୍ଷା ଜଳ ଉପରେ ନିର୍ଭର କରିନ୍ତି। ଚଳିତ ବର୍ଷ ଜିଲାରେ ସ୍ୱଳ୍ପ ବୃଷ୍ଟି ହେତୁ ଚାଷ କାର୍ଯ୍ୟ ଆଦୌ ଆଗକୁ ବଢି ପାରୁନାହିଁ। ଚାଷୀ ଧାନ ବୁଣିଥିଲେ ମଧ୍ୟ ବର୍ଷା ଅଭାବରୁ କୌଣସି କାମ ଆରମ୍ଭ କରିପାରି ନାହାନ୍ତି। ଖରା ଯୋଗୁ ଧାନ ବିଲ ଫାଟି ଗଲାଣି। ବହୁ ସ୍ଥାନରେ ଧାନଗଛ ମରିଯାଇଥିବା ଦେଖି ଚାଷୀ ବିଲରେ ଗୋରୁ ଛାଡି ଦେଲେଣି। କରୋନା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଦରବୃଦ୍ଧି ସତ୍ତ୍ୱେ ଋଣ କରି ସେମାନେ ଚାଷ କାର୍ଯ୍ୟ କରିଥିଲେ। କିନ୍ତୁ ବର୍ଷା ଅଭବାରୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାକୁ ବସିଛି। ଏଣୁ ଅନୁଗୋଳ ଜିଲାର ପରିସ୍ଥିତିକୁ ଅନୁଧ୍ୟାନ କରି ଯଥାଶୀଘ୍ର ବିହିତ ପଦକ୍ଷେପ ସ୍ୱରୂପ ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରି ଚାଷୀମାନଙ୍କ କ୍ଷୟକ୍ଷତି ଭରଣା କରିବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ତପନ ପ୍ରଧାନ, ଚିତରଞ୍ଜନ ନାଏକ, ଜିଲା ପଛୁଆ ବର୍ଗ ସେଲ୍ ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ, ଆଇନ ସେଲ୍ ଅଧ୍ୟକ୍ଷ ଧର୍ମେନ୍ଦ୍ର ମିଶ୍ର, ମିଡିଆ ସେଲ୍ ଅଧ୍ୟକ୍ଷ ଗୋପାଳ ନାଥ, କିଷାନ କଂଗ୍ରେସ ଅଧ୍ୟକ୍ଷ ଦାଶରଥି ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ନୀଳକଣ୍ଠ ନାଏକ, କୋଷାଧ୍ୟକ୍ଷ ସଞ୍ଜୀବ ମାଣ୍ଡୋଠିଆ, ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରା, ବଣ୍ଟଁରପାଳ ସଭାପତି ବିନୋଦ ମାଝି, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବଲବିର ସିଂହ, ନିରଞ୍ଜନ କର, ଆଲୋକ ଦାଶ, ଆଡଭୋକେଟ ସୁଶୀଲ ପ୍ରଧାନ, ରଜତ ରଞ୍ଜନ ଦାଶ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଟ୍ରାଫ୍ ମେଶିନ ଉଦ୍‌ଘାଟିତ



ଛାତ୍ରୀ ତନିଷ୍କା ସାମନ୍ତଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

ତାଳଚେର,୨୬।୮(ନି.ପ୍ର)

ତାଳଚେର ରାଇଫଲ କ୍ଲବଠାରେ ଓଡ଼ିଶାର ପ୍ରଥମ ଟ୍ରାଫ ମେଶିନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ତାଳଚେର ଉପଖଣ୍ଡ ପୋଲିସ ଅଧିକାରୀ ନୀତିଶ କୁମାର ୱାଧାନୀ ଯୋଗ ଦେଇଥିଲେ। ତାଳଚେର ରାଜା ସାହେବ ରାଜେନ୍ଦ୍ର ଚନ୍ଦ୍ର ବୀରବର ହରିଚନ୍ଦନ, ୱେଷ୍ଟ ବେଙ୍ଗଲ ରାଇଫଲ ସଂଘ ସଭାପତି ଜି.ବି. ମଲ୍ଲିକ, ସୌରଭ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପଜିଲାପାଳ ଓ ଏସ୍‌ଡିପିଓଙ୍କୁ ତାଳଚେର କ୍ଲବର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହିତ ରାଜ୍ୟସ୍ତରୀୟ ଓ ସର୍ବ ଭାରତୀୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ତାଳଚେର ବିଧାୟକଙ୍କ ଦ୍ୱାରା ପ୍ରଦତ୍ତ ନୂତନ ଟ୍ରାଫ ମେଶିନ ଚାଳନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ତାଳଚେର ରାଇଫଲ କ୍ଲବର ଛାତ୍ରୀ ତନିଷ୍କା ସାମନ୍ତଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ଦେବ, ପୂର୍ବତନ ଉପଜିଲପାଳ ପରେଶ ଚନ୍ଦ୍ର ନାୟକ, ଭୁବନେଶ୍ୱର ସାମନ୍ତ, ବିଶ୍ୱଜିତ ମିଶ୍ର, ସଙ୍କେତ ସାହୁ, ଶୋଭାକାନ୍ତ ଦାସ, ଜିତେନ୍ଦ୍ର ସାମନ୍ତ, ସଞ୍ଜୀବ କୁମାର ପଟ୍ଟନାୟକ, ବିଶ୍ୱଜିତ ମିଶ୍ର, ଅଖିଳ ଚନ୍ଦ୍ର ଦେବ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ

ଢେଙ୍କାନାଳ ଅଫିସ,/ ତାଳଚେର, ୨୬।୮: ଢେଙ୍କାନାଳ ସହରସ୍ଥିତ ୫୫ନଂ. ଜାତୀୟ ରାଜପଥର କଲେଜ ବାଇପାସ ନିକଟରେ ଗୁରୁବାର ରାତି ସାଢେ ୯ଟାରେ ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ସେହିପରି ତାଳଚେର ପବିତ୍ର ମୋହନ ଛକ ନିକଟରେ ଗୁରୁବାର ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହେମନ୍ତ କୁମାର ପାତ୍ର। ସୂଚନା ମୁତାବକ, କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ହେମନ୍ତ ବାଇକ୍ (ନଂ. ଓଡି୦୯ ଜେ-୮୬୫୫) ଯୋଗେ ଅପରାହ୍ନରେ ବହ୍ଲର ଛକଠାରୁ ତାଳଚେର ଅଭିମୁଖେ ଆସୁଥିବାବେଳେ ପବିତ୍ରମୋହନ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ହେମନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଉକ୍ତ ରାଜପଥ ଅବରୋଧ କରିଥିଲେ। ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

### ପରିକ୍ରମା ଆରମ୍ଭ କଲା ସଚେତନତା ରଥ

ଅନୁଗୋଳ ଅଫିସ,୨୬।୮: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୩୬ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ସଚେତନତା ରଥ ଜିଲାରେ ପରିକ୍ରମା ଆରମ୍ଭ କରିଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏଥିସହ ଏହି ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯେ କୌଣସି



ବ୍ୟକ୍ତି ଜୀବନକାଳ ମଧ୍ୟରେ ସ୍ୱଇଚ୍ଛାରେ ଚକ୍ଷୁଦାନ ପାଇଁ ସମ୍ମତି ଦେଇପାରିବେ ବୋଲି ପ୍ରକାଶ କରିଥିଲେ। ଚକ୍ଷୁଦାନ ସମ୍ମତି ପତ୍ରରେ ସ୍ୱାକ୍ଷର ନ ଥିଲେ ମଧ ନିକଟ ସମ୍ପର୍କୀୟଙ୍କ ସହମତିକ୍ରମେ ଚକ୍ଷୁଦାନ କରାଯାଇପାରିବ। ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁର ସ୍ୱଚ୍ଛ ପଟଳ ସଂଗ୍ରହ କରାଯାଏ। ଏହାଦ୍ୱାରା ମୁଖ ବିକୃତ ହୋଇନଥାଏ। ଜଣେ ବ୍ୟକ୍ତିଙ୍କ ଚକ୍ଷୁଦାନ ଦ୍ୱାରା ଦୁଇଜଣଙ୍କ ଅନ୍ଧତ୍ୱ ଦୂରୀଭୂତ ହୋଇଥାଏ। ଏହି ଚକ୍ଷୁଦାନ ପକ୍ଷ ପାଳନ ଶୁଭାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ୨ ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା

ଛେଣ୍ଡିପଦା,୨୬।୮(ସ୍ୱ.ପ୍ର.): ଛେଣ୍ଡିପଦା ଥାନା କୋଶଳା ଗ୍ରାମ ହାଟରେ ଗୁରୁବାର ୨ ଜଣ ଚୋରି ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି। ପୋଲିସ ଉଭୟଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, କୋଶଳା ଗ୍ରାମର ଅଜୟ ସାହୁ ସକାଳେ ହାଟରୁ ପରିବା କିଣୁଥିଲେ। ସେହି ସମୟରେ ଜଣେ ଯୁବକ ତାଙ୍କ ଶାର୍ଟ ପକେଟ୍‌ରୁ ୧୪ଶହ ଟଙ୍କା ଲୁଟ୍ ନେଇ ଅନ୍ୟ ଜଣେ ସହଯୋଗୀଙ୍କୁ ଦେଇଥିଲେ। ସହଯୋଗୀ ଜଣକ ଟଙ୍କା ଧରି ଏକ ବାଇକ ଯୋଗେ ପଳାଇ ଯାଇଥିଲେ। କିଛି ସମୟ ପରେ ଅଜୟ ତାଙ୍କ ପକେଟରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଅଜୟ ତାଙ୍କ ନିକଟରେ ଥିବା ଯୁବକଙ୍କୁ ଖୋଜିଥିଲେ। ଯୁବକ ଜଣକ ଅନ୍ୟ ଏକ ଦୋକାନରେ ଠିଆ ହୋଇଥିଲେ। ସେହି ସମୟରେ ଅଜୟ ସମ୍ପୃକ୍ତ ଯୁବକ ପାଖକୁ ଆସି ପକେଟରୁ ଟଙ୍କା ନେଇଥିବା ବିଷୟରେ ପଚାରିଥିଲେ। ପରେ ଯୁବକ ଜଣକ ଟଙ୍କା ନେଇ ଅନ୍ୟ ସହଯୋଗୀଙ୍କୁ ଦେଇଥିବା ପ୍ରକାଶ କରିଥିଲେ। ଏହାପରେ ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ଅନ୍ୟ ସହଯୋଗୀଙ୍କୁ ଡକାଇବା ପାଇଁ କହିଥିଲେ। ପରେ ଯୁବକ ଜଣକ ଫୋନ କରିବାରୁ ସହଯୋଗୀ ଜଣକ ଏକ ବାଇକ୍‌ରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁଇ ଜଣଙ୍କୁ ସ୍ଥାନୀୟ ଲୋକ କାବୁ କରି ଛେଣ୍ଡିପଦା ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନାଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।

# କୃଷକଙ୍କ ମାର୍ଗଦର୍ଶନ କଲେ ଅଧିକାରୀ



ଦିନିକିଆ କୃଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା ଅଧିକାରୀ ଓ ଚାଷୀମାନେ।

ଖମାର,୨୬।୮(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ଖମାରସ୍ଥିତ ମହାଦେବପାଳ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ପାଲଲହଡ଼ା କୃଷକ ଉତ୍ପାଦକ ସଙ୍ଗଠନ ତରଫରୁ ନାବାର୍ଡ ଓ ସିନର୍ଜି ଇଞ୍ଜିନିୟରିଂ ତତ୍ତ୍ୱାବଧାନରେ ଏକ ଦିନିକିଆ କୃଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକମାନଙ୍କୁ ସବୁ ପ୍ରକାର ସରକାରୀ ସହାୟତା କିପରି ମିଳିପାରିବ ସେହି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାବାର୍ଡ ଅଧିକାରୀ ଶରତ କୁମାର ବେହେରା, ସିନର୍ଜି ଇଞ୍ଜିନିୟରିଂ ନିର୍ଦ୍ଦେଶକ ବିପିନ ବିହାରୀ ପାଢ଼ୀ ଓ ସଂଯୋଜକ ସଞ୍ଜୟ ମହାପାତ୍ର ଯୋଗଦେଇ କୃଷକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପାଲଲହାଡ଼ା ଏଫପିଓ କର୍ମକର୍ତ୍ତା ଧର୍ମେନ୍ଦ୍ର ମହାନ୍ତି, ବିଜୟ କୁମାର ଧୀବର, ପ୍ରଶାନ୍ତ ବେହେରା, ତ୍ରିପୁର ମୋହନ ବିଶ୍ୱାଳ, ନାରାୟଣ ନାଏକ ଏବଂ ଛେଣ୍ଡିପଦା ଏଫପିଓ କର୍ମକର୍ତ୍ତା ମୀନକେତନ ସାହୁ, ଜିତେନ୍ଦ୍ରୀୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶଙ୍ଖପୁର, ଗୁରୁଣ୍ଡିଆମୁଣ୍ଡା, ବଟିସୁଆଁ, ଝିମିରିପାଲି, ବାଲିପସି, କରଡ଼ାପାଲ, ପୁରୁଣାପାଣି, ସାନସଡ଼ା, ବଡ଼ସଡ଼ା, ନିମିରିବଡା, ଦୁତିକୃଷ୍ଣପୁର, ଖମାର, ପରାଚାଟ, କଲଣ୍ଡା, ଜିତଡିମରିଆ, ପଦାପସି, ରାଜାମୁଣ୍ଡା, ଜାମୁଆ, ପାଣିହରା ଗ୍ରାମର ବହୁ ଶିକ୍ଷିତ ଓ ସଚେତନ କୃଷକ ଏହି ସଭାରେ କୋଭିଡ୍ ନିୟମ ମାନି ଯୋଗଦାନ କରିଥିଲେ।

# ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଛତୁଚାଷ ତାଲିମ

ଢେଙ୍କାନାଳ ଅଫିସ, ୨୬।୮

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ ସଭାଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କୁ ନେଇ ଛତୁଚାଷ ସମ୍ପର୍କିତ ୧୦ ଦିନିଆ ତାଲିମ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ୨୮ ଜଣ ମହିଳା ଅଂଶଗ୍ରହଣ କରିଛନ୍ତି। ଲିଡ୍ ବ୍ୟାଙ୍କ ମ୍ୟାନେଜର ସରୋଜ ସିଂ, ସରପଞ୍ଚ ଜେଶସ ସାହୁ, ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା, କାଦମ୍ବରୀ ମହାକୁଡ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କ



ଋଣ ମାଧ୍ୟମରେ ଛତୁଚାଷ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ସତ୍ୟମ୍ ଶୁଭମ ଦାଶ,ବ୍ୟାଙ୍କ ମିତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ଘରବାହୁଡ଼ା ବେଳ:** କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ଗ୍ରାମର କେତେଜଣ ମହିଳା ଚାଷ କାର୍ଯ୍ୟ ସାରି ଅପରାହ୍ନରେ ଘରକୁ ଫେରୁଛନ୍ତି।

# ଶିଳ୍ପ ଭିତ୍ତିକ ପ୍ରଶିକ୍ଷଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ମାଧପୁର,୨୬।୮

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର ରାଜୀବ ଭବନଠାରେ ଚଳିଥିବା ଶିଳ୍ପଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିଳ୍ପଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ଏବଂ ଆଠମଲ୍ଲିକ ବନଖଣ୍ଡର ମିଳିତ ସହଯୋଗରେ ଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ପକ୍ଷରୁ ବନ ସଂରକ୍ଷଣ ସମିତିର ବେକାର ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ଶିଳ୍ପ ଭିତ୍ତିକ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ ତାଲିମପ୍ରାପ୍ତ ଯୁବତୀ ଯୁବକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଆଠମଲ୍ଲିକ ଡିଏଫ୍‌ଓ ଏସ. ଆନନ୍ଦ, ଆଠମଲ୍ଲିକ ଏବିଡିଓ ଦିଲୀପ ପ୍ରଧାନ, ମାଧପୁର ରେଞ୍ଜର ସନ୍ତୋଷ ଭୋଇ, ଫରେଷ୍ଟର ବାବୁଲି ପ୍ରଧାନ, ବନସଂଯୋଜକ ଅମରେଶ ପ୍ରସାଦ ଦାସଙ୍କ ସମେତ ଶିଳ୍ପ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ

ଢେଙ୍କାନାଳ ଅଫିସ, ୨୬।୮

ଢେଙ୍କାନାଳ ସହରରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ଗୁରୁବାର ସ୍ଥାନୀୟ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଢେଙ୍କାନାଳ ବିଦ୍ୟୁତ୍ ସେକ୍ସନ-୧ ଜୁନିୟର ମ୍ୟାନେଜର ମହମ୍ମଦ ଇମରାନ୍ ସବିର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ବିଭାଗୀୟ କର୍ମଚାରୀ ଏବଂ ଯନ୍ତ୍ରୀ ସହରରେ ବିଦ୍ୟୁତ୍ ଚୋରି ରୋକିବାକୁ ଉଦ୍ୟମ କରୁଥିବା ବେଳେ କେତେଜଣ ବ୍ୟକ୍ତି ବୁଧବାର ଆକ୍ରୋଶମୂଳକ ଭାବେ ଆକ୍ରମଣ କରିଥିଲେ। ଏ ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। କର୍ତ୍ତବ୍ୟରତ କର୍ମଚାରୀଙ୍କୁ ଆକ୍ରମଣ ପ୍ରତିବାଦରେ କର୍ମଚାରୀମାନେ ଧାରଣା ଦେବାସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ଧାରଣାରତ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ।।

# ୧୯ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୨୬।୮: ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗୁରୁବାର ଜିଲାରୁ ୧୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୭ ଜଣ ରହିଥିବାବେଳେ ଅନୁଗୋଳ ବ୍ଲକ ଅଞ୍ଚଳରୁ ୩ ଜଣ, ବଣ୍ଟଁରପାଳ ବ୍ଲକ ଅଞ୍ଚଳ ଅଞ୍ଚଳରୁ ୩ ଜଣ, କଣିହାଁ ବ୍ଲକ ଅଞ୍ଚରୁ ୩, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୨ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ଜଣେ ଅଛନ୍ତି।୧ ସେହିପରି ଦିନକରେ ଜିଲାରୁ ୩୫ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସିଏସ୍‌ଆର୍ ଅଂଶୀଦାର ସମ୍ମିଳନୀ





କାର୍ଯ୍ୟକ୍ରମରେ ଉପସ୍ଥିତ ଏନ୍‌ଟିପିସି ଅଧିକାରୀମାନେ।

କଣିହାଁ,୨୬।୮(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ମଙ୍ଗଳବାର 'ସିଏସ୍‌ଆର୍ ଅଂଶୀଦାର ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଏଥିରେ ସଭାପତିତ୍ୱ କରିଥିଲେ। କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ଏବଂ ନୂତନ ସିଏସ୍‌ଆର୍ ନୀତି ଉପରେ ଏଠାରେ ଆଲୋଚନା ହୋଇଥିଲା। ଏହି ଅବସରରେ ହିତାଧିକାରୀଙ୍କ ପ୍ରଶ୍ନ ଏବଂ ଅଭିଯୋଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ହିତାଧିକାରୀଙ୍କ ଅନୁରୋଧ ଓ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବା ସହ କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟ ଉପରେ ମତାମତ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ପ୍ରୋଜେକ୍ଟ) ଆର.ଏନ. ଦାସ, ଜିଏମ(ଟିଏସ୍) ଏସ. ମୁର୍ଗାନ, ସିଏମ୍‌ଓ ଜି. ମହାକୁଲ, ଜିଏମ୍(ଏଚ୍‌ଆର୍) ରଜନିଶ ରସ୍ତୋଗୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ପ୍ରକଳ୍ପ ପ୍ରଭାବିତ ୨୫ଟି ଗ୍ରାମର ସଭାପତି, ଉପସଭାପତି ଉପସ୍ଥିତ ଥିଲେ। ତାଳଚେର କଣିହାଁ ସିଏସ୍‌ଆର୍ ସଦସ୍ୟମାନେ ପରିଚାଳନା କରିଥିଲେ।

# ବୈଷୟିକ ସେବାର ସମୀକ୍ଷା

ଅନୁଗୋଳ ଅଫିସ,୨୬।୮

ଅନୁଗୋଳ ଜିଲାରେ ଚାଲିଥିବା ବିଭିନ୍ନ କମ୍ପ୍ୟୁଟରୀକରଣ ପ୍ରୋଜେକ୍ଟ ଓ ବୈଷୟିକ ସେବାର ଏକ ସମୀକ୍ଷା ବୈଠକ ବୁଧବାର ଜିଲା ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୁଖ୍ୟ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ କବିତା ରାୟ ଦାସ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଦିଲୀପ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆର.ଏନ. ଶତପଥୀ, ଡେପୁଟି କଲେକ୍ଟର ବଇତୁରା ଦୀପ, ସୋଫି ସାଇନିକା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରାଜୀବ କୁମାର ବେହେରା, ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଅନୁଗୋଳ କଲେଜ ପ୍ରଧାପକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ତଥା ଜିଲା ସୂଚନା ବିଜ୍ଞାନ ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ଜିଲାରେ ଚାଲିଥିବା ବିଭିନ୍ନ ବୈଷୟିକ ପ୍ରକଳ୍ପ ଏବଂ ସେବା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହାକୁ ନେଇ ଅତିରିକ୍ତ ଜିଲାପାଳ ସନ୍ତୋଷବ୍ୟକ୍ତ କରିବା ସହ ବୈଷୟିକ ସେବାର ଉପଯୋଗ କରି ରାଜସ୍ୱ ସଂଗ୍ରହ ଏବଂ ବିଭାଗୀୟ କାର୍ଯ୍ୟକୁ ଅଧିକ ଲୋକାଭିମୁଖୀ କରିବା ଉପରେ ଆଲୋକପାତ କରିଥିଲେ। ନୂତନ ପାଇଲଟ ପ୍ରୋଜେକ୍ଟ (ଇଣ୍ଟିଗ୍ରେଟେଡ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ) ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକ ପରେ ଉପନିର୍ଦ୍ଦେଶକ ତଥା ଓଡ଼ିଶା ମୁଖ୍ୟ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଅନୁଗୋଳ ସଦର ତହସିଲ ଗସ୍ତ କରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ତହସିଲଦାର ଓ କ୍ଷେତ୍ରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।





ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

